## ଯାତ୍ରୀ ବିଶ୍ରାମାଗାରରୁ ମୃତଦେହ ଜବତ

ବ୍ରହ୍ମପୁର, ୨୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ରଘୁନାଥପୁରସ୍ଥିତ ଏକ ଯାତ୍ରୀ ବିଶ୍ରାମଗାରରୁ ଶନିବାର ପୋଲିସ ଏକ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ୬୦ ରୁ ୬୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ବୃଦ୍ଧ ଜଣଙ୍କ ସ୍ଥାନୀୟ ଅଞ୍ଚଳର ହୋଇନଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ପରିଚୟ ଜାଣିବା ପାଇଁ ମୃତଦେହ ୪ ଦିନ ଯାଏଁ ଏମକେସିଜିରେ ସଂରକ୍ଷିତ ରଖିଛି। ଏନେଇ ନଂ.୦୨/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଉକ୍ତ ଥାନା ଅନ୍ତର୍ଗତ ଏକ ଯାତ୍ରୀ ବିଶ୍ରାମାଗାରରେ ଜଣେ ଲୋକ ମରି ପଡିଥିବା ଶନିବାର ସକାଳେ ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ପଞ୍ଚନାମା କରିଥିଲା। ମୃତ ବ୍ୟକ୍ତିଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନଥିବା କହିଛି। ହୃଦଘାତରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଅଲିଭ ରିଡ୍‌ଲେ କୂଳରେ, ଜଳବାୟୁ ସୁହାଉନି

■ ଗଡ଼ି ଯାଉଛି ଅଣ୍ଡାଦାନ ସମୟ
■ ଅବକ୍ଷୟ ହୋଇପଡ଼ିଛି ବେଳାଭୂମି

ବ୍ରହ୍ମପୁର, ୨୨।୨ (ଅଶୋକ କୁମାର ସାହୁ)

ରାଜ୍ୟର ଦୁଇଟି ବେଳାଭୂମିକୁ ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସନ୍ତି। ଗୋଟିଏ ଗହିରମଥା ଓ ଅନ୍ୟଟି ଋଷିକୁଲ୍ୟା ମୁହାଣ। ଋଷିକୁଲ୍ୟା ମୁହାଁଣ ବେଳାଭୂମିକୁ ଅଧିକାଂଶ କଇଁଛ ପସନ୍ଦ କରନ୍ତି। କାରଣ ଏଠାକାର ବେଳାଭୂମି ପରିବେଶ ଓ ଜଳବାୟୁ ସୁହାଉଛି। ସେଥିପାଇଁ ଗତ ବର୍ଷ ଫେବୃଆରୀ ୧୬ରୁ ଆରମ୍ଭ ହୋଇଥିଲା ଅଣ୍ଡାଦାନ। ୯ ଲକ୍ଷ ୪ ହଜାର କଇଁଛ ରେକର୍ଡ ସଂଖ୍ୟକ ଅଣ୍ଡାଦାନ କରିଥିଲେ। ଏବେ କିନ୍ତୁ ସପ୍ତାହେ ପାର ହୋଇଯାଇଛି। ରବିବାର ସୁଦ୍ଧା ସମସ୍ତେ କୂଳରେ ସାଲୁବାଲୁ ହେଉଛନ୍ତି। ଜଳବାୟୁ ଆଉ ସୁହାଉନି। ବେଳାଭୂମି ଅବକ୍ଷୟ ହୋଇପଡିଛି। ଅଣ୍ଡାଦାନ ସମୟ ଗଡିଯାଉଛି। ଆଗକୁ ପୂର୍ଣ୍ଣମୀ ଆସୁଥିବାରୁ ବଡ ଜୁଆର ଆସିବ। ବେଳାଭୂମି ଓଦା ହୋଇଯିବ। ଦକ୍ଷିଣା ପବନ ଏଯାଏଁ ବହୁନି। ତେଣୁ ଚଳିତବର୍ଷ ବିଳମ୍ବ ହେବା ଥୟ ବୋଲି ପରିବେଶବିତ ରବୀନ୍ଦ୍ର ନାଥ ସାହୁ କହିଛନ୍ତି। ଗତବର୍ଷର ସଂଖ୍ୟାକୁ ଦେଖିଲେ ଚଳିତବର୍ଷ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। କୁହୁଡି ଓ ମେଘୁଆ ପାଗ ଥିବାରୁ ରାତି ଓ ଭୋରର ତାପମାତ୍ରାରେ ପରିବର୍ତ୍ତନ ଦେଖାଦେଇଛି। ଏହା କଇଁଛଙ୍କ ଅଣ୍ଡାଦାନ ପ୍ରତି ବିପଦ ସାଜିଛି। ବିଭାଗ ପକ୍ଷରୁ ପ୍ରୟାଗୀରୁ ପୁରୁଣାବନ୍ଧ ପର୍ଯ୍ୟନ୍ତ ପ୍ରାୟ ୧୨ କିମି ଦୂର ପୋଡମପେଟା, ପ୍ରାୟାଗୀ, ସିଦ୍ଧାର୍ଥନଗର, ଗୋଖରକୁଦା, ବଟେଶ୍ୱର ପର୍ଯ୍ୟନ୍ତ ଅଣ୍ଡା ଦେବା ସ୍ଥଳ। ବନ ବିଭାଗ ପକ୍ଷରୁ ଜନଗହଳି ଓ ଜୀବଜନ୍ତୁ ନଆସିବା ପାଇଁ ବାଡ ବି ଦିଆଯାଇଛି। ଏ ଭିତରେ ଗୋଖରକୁଦାରୁ ଅଗସ୍ତି ନୂଆଗାଁ ପର୍ଯ୍ୟନ୍ତ ୪ କିମି ଆଇଲ୍ୟାଣ୍ଡ ବିଚ୍ ରହିଛି। ଅନ୍ୟପକ୍ଷରେ ପୋଡମପେଟାରୁ ବଟେଶ୍ୱର ପର୍ଯ୍ୟନ୍ତ ବେଳାଭୂମି ଅବକ୍ଷୟ ହୋଇଯାଇଛି। ବେଳାଭୂମିର ପରିବର୍ତ୍ତନ ଓ ଜଳବାୟୁର ଅସନ୍ତୁଳନ ସବୁ କିଛି ବିଗାଡିବାରେ ଲାଗିଛି। ବନ ବିଭାଗ ତରଫରୁ ସମୁଦ୍ର ଭିତରେ ପଇଁତରା ମରାଯାଉଛି। ସେମାନଙ୍କ ସୁରକ୍ଷା ପ୍ରତି ଯେଭଳି ସତର୍କତା ଅବଲମ୍ବନ କରାଯିବ ସେଥିପାଇଁ ସମସ୍ତେ ସଜାଗ ଅଛନ୍ତି। ଏନେଇ ଆରସିସିଏଫ୍ ଭି.ନୀଳାମ୍ବରମ କହିଲେ ଯେ, କଇଁଛଙ୍କ ଆଗମନ ପାଇଁ ଜଳବାୟୁ ପରିବର୍ତ୍ତନ ହିଁ କାରଣ। ରାତିର ତାପମାତ୍ରା ସେମାନଙ୍କୁ ସୁହାଉନି ବୋଲି ସେ କହିଥିଲେ। ଖଲ୍ଲିକୋଟ ରେଞ୍ଜର ଦିବ୍ୟରଂଜନ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଦକ୍ଷିଣା ପବନ ମାରିନି। ପାଗ ମେଘୁଆ ରହିଛି। ବେଳାଭୂମି ବି ଅଣ୍ଡା ଦେବା ପାଇଁ ଉପଯୁକ୍ତ ହୋଇପାରୁନି। ତେଣୁ କଇଁଛମାନେ ଆସିପାରୁନାହାନ୍ତି ବୋଲି ସେ କହିଥିଲେ।



ଋଷିକୁଲ୍ୟା ମୁହାଣ ସମୁଦ୍ରରେ କଇଁଛମାନେ ଭାସୁଛନ୍ତି।

## ସହର ତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟିର ଟ୍ରାଫିକ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଥାନା ଅଧିକାରୀ ଓ କମିଟି ସଦସ୍ୟ।

ବ୍ରହ୍ମପୁର, ୨୨।୨ (ଅଶୋକ କୁମାର ସାହୁ)

ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି, ନିମଖଣ୍ଡି ଥାନା ଓ ଏକ ପେଟ୍ରୋଲ ପମ୍ପର ମିଳିତ ସହଯୋଗରେ ଲୋଚାପଡା ରୋଡର ଧୋବା ନାଳ ନିକଟରେ ତଥା ଶକ୍ତି ନଗର ନିକଟରେ ଏକ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମାବଳୀ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା ଓ ଟ୍ରାଫିକ ଥାନା ଅଧିକାରୀ ପଦ୍ମ ଚରଣ ଭଞ୍ଜ ଯୋଗ ଦେଇ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ କହିଥିଲେ। ବେପରୁଆ ଗାଡ଼ି ଚାଳନା ହିଁ ଟ୍ରାଫିକ ନିୟମର ଉଲ୍ଲଂଘନ। ପୋଲିସ ପ୍ରଶାସନ ତରଫରୁ ଏହାର ନିୟନ୍ତ୍ରଣ ନେଇ ଯଥୋଚିତ ପଦକ୍ଷେପ ନିଆଯାଉଛି। ଲୋକଙ୍କ ସହଯୋଗ ଦରକାର ବୋଲି ସେ କହିଛନ୍ତି। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଥିଲେ ଯେ ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଦୁର୍ଘଟଣା ପ୍ରତି ସତର୍କ ଓ ସଂବେଦନଶୀଳ ରହିବାକୁ ପଡିବ। ଆଜି ଏହି ସମସ୍ୟା ଏକ ଜଟିଳ ମାନବୀୟ ପରିସ୍ଥିତି ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଅବସରରେ ଚାରୋଟି ବ୍ୟାରିକେଡକୁ ନିମଖଣ୍ଡି ଥାନା ଅଧିକାରୀ ଓ ଟ୍ରାଫିକ ଥାନା ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାପନ କରା ଯାଇଥିଲା। ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ମାନି ଯେଉଁ ବାଇକ ଚାଳକ ମାନେ ହେଲମେଟ ବ୍ୟବହାର କରି ରାସ୍ତାରେ ଯାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିଲା । ଏହି ଅବସରରେ ନିମଖଣ୍ଡି ଥାନାର ଏଏସଆଇ କେ.ସି. ମାଝୀ, ଏଏସଆଇ ଦେବ ରଞ୍ଜନ ସାହୁ, କନଷ୍ଟେବଲ ଅନିଶ ବାରିକ ଓ ଟ୍ରାଫିକ ଥାନାର ହାବିଲଦାର ଲୁନା ବେହେରା, କମିଟିର ଉପ ସଭାପତି ଦେବୀ ପ୍ରସାଦ ଦାସ, କୋଷାଧ୍ୟକ୍ଷ ଏମ. ଲାବଣ୍ୟ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସହ ସମ୍ପାଦକ ବି ଭି ସାଗର, ସଂଗଠନ ଉପ ସମ୍ପାଦକ ଅଜିତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଜାତୀୟ ସମ୍ମିଳନୀ




ପୁସ୍ତକ ଉନ୍ମୋଚନ କରୁଛନ୍ତି କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର, ୨୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଇଂଲିଶ ବିଭାଗ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଜାତୀୟ ସମ୍ମିଳନୀ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶୀର୍ଷକ ଥିଲା ଭାରତୀୟ ଜ୍ଞାନ ପ୍ରଣାଳୀ : ନିତି,ପରିବେଶ ଓ ଶିକ୍ଷାର ସାହିତ୍ୟିକ ମାନଚିତ୍ରଣ । ଉଦଘାଟନୀ ଉତ୍ସବରେ ସମ୍ମିଳନୀର ଆବାହକ ଡ଼.ଟି.ଇଶର ରାଓ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଆନ୍ଧ୍ର କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ତେଜସ୍ୱୀ ଭେଙ୍କାପ୍ପା କାଟ୍ଟିମଣି, ସମ୍ମାନିତ ଅତିଥି ଭାବେ ବିଶାଖାପାଟଣା ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପୂର୍ବତନ ଇଂରାଜୀ ବିଭାଗର ପ୍ରଫେସର ଭି.ସି. ସୁଧୀର,ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର କାଳୀଦାଶ ମିଶ୍ର,ବନାରସ ଆଇଆଇଟିର ଇଂରାଜୀ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା, ଭୁବନେଶ୍ୱର ଉତ୍କଳ ୟୁନିଭରସିଟିର ଇଂରାଜୀ ପ୍ରଫେସର ଅସୀମା ରଞ୍ଜନ ପାରହି,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର ଇ.ରାଜାରାଓ, ପୂର୍ବତନ ପ୍ରଫେସର ରାମ ନାରାୟଣ ପଣ୍ଡା, ପୂର୍ବତନ ପ୍ରଫେସର ବଳଭଦ୍ର ତ୍ରିପାଠୀ, ଭାରପ୍ରାପ୍ତ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ ଯୋଗ ଦେଇ ଶୀର୍ଷକ ଉପରେ ମତ ରଖିଥିଲେ। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସମ୍ମିଳନୀର ସଂଯୋଜକ ଅନିଲ କୁମାର ତିରିଆ ଧନ୍ୟବାଦ ଦେଇଥିଲେ।

## ମାଟ୍ରିକ ପରୀକ୍ଷା ପାଇଁ ଲୁହ ଗଡ଼ାଉଛନ୍ତି ଅବନ୍ତିକା

ବ୍ରହ୍ମପୁର, ୨୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

**ଗ୍ୟାସ ସିଲିଣ୍ଡର ବିସ୍ଫୋରଣରୁ ଅଢ଼େଇ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଗଲା**

ବୈଦ୍ୟନାଥପୁର ଥାନା ଆଙ୍କୁଲି କାଳୀଙ୍ଗିସାହିରେ ରବିବାର ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇ ଲିଜା ନାୟକଙ୍କ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାର ସମ୍ପତ୍ତି ଛାରଖାର ହୋଇଯାଇଛି। ଝିଅ ଅବନ୍ତିକା ନାୟକଙ୍କ ସମସ୍ତ ବହି ପୋଡି ପାଉଁଶ ହୋଇଯାଇଥିବାରୁ ତାଙ୍କ ପରୀକ୍ଷା ଚିନ୍ତା ତାଙ୍କୁ ଘାରିଛି। ଅବନ୍ତିକାଙ୍କ ଦୁଇଟି ପରୀକ୍ଷା ସରିଛି। ସୋମବାର ସଂସ୍କୃତ ପରୀକ୍ଷା ଅଛି। ମାଟ୍ରିକ ପରୀକ୍ଷା ପାଇଁ ସେ କାନ୍ଦି କାନ୍ଦି ବେହୋସ ହୋଇଯାଉଛନ୍ତି। ପୋଡି ଯାଇଥିବା ପୁସ୍ତକ ଧରି କାନ୍ଦୁଛନ୍ତି। ଅନ୍ୟପଟେ ତାଙ୍କର ଦିତ୍ୱୀୟ ଝିଅ ଆୟନ୍ତିକା ନାୟକ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ତାଙ୍କର ମଧ ସବୁ ବହି ଖାତା ଜଳି ପୋଡ଼ି ପାଉଁଶ ହୋଇଯାଇଛି ବୋଲି କହିଛନ୍ତି ତାଙ୍କ ମା’ ଲିଜା। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିବାବେଳେ କୁହାଯାଇଛି ଯେ, ଫ୍ରିଜରୁ ସର୍ଟସର୍କିଟ ହୋଇ ନିକଟରେ ଥିବା ଏକ ଗ୍ୟାସ ସିଲିଣ୍ଡରକୁ ନିଆଁ ଲାଗିଥିଲା। ପରେ ତାହା ବିସ୍ଫୋରଣ ହେବାରୁ ଘରର ଚାରିଆଡ଼େ ନିଆଁ ବ୍ୟାପୀ ଯାଇଥିଲା। ନିଆଁ ଲାଗିଥିବା ବେଳେ ଘର ଭିତରେ ଥିବା ଟଙ୍କା ଓ କିଛି ମୂଲ୍ୟବାନ ସାମଗ୍ରୀ ଉଦ୍ଧାର କରିବାକୁ ଯାଇ ଗୃହକର୍ତ୍ତା ରଞ୍ଜିତ ନାୟକଙ୍କ ସ୍ତ୍ରୀ ଲିଜା ନାୟକ ବି ଆହତ ହୋଇଛନ୍ତି। ପୂର୍ବାହ୍ନରେ ଲିଜା ମନ୍ଦିରକୁ ଯିବା ପାଇଁ ୨ ଝିଅଙ୍କୁ ଧରି ବାହାରିଥିଲେ। ଉକ୍ତ ସାହିରେ ରହୁଥିବା ତଙ୍କ ମା’ଙ୍କ ଘରେ ଦୁଇ ଝିଅକୁ ଛାଡି ସେ ମନ୍ଦିର ଯାଇଥିଲେ। ପରେ ତାଙ୍କ ସ୍ୱାମୀ ରଂଜିତ ଘରେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ଘଟଣା ଶୁଣି ସେ ଘରକୁ ଆସିବା ବେଳେ ସବୁ କିଛି ପୋଡି ପାଉଁଶ ହୋଇଯାଇଛି। ସବୁଠୁ ମୂଲ୍ୟବାନ ଦୁଇ ଝିଅଙ୍କ ପୁସ୍ତକ। ଏବେ ତାଙ୍କ ବଡ଼ ଝିଅର ମାଟ୍ରିକ ପରକ୍ଷା ଦେବା ସ୍ୱପ୍ନ ହୋଇଯାଇଛି ବୋଲି ସେ କାନ୍ଦି କାନ୍ଦି କହିଛନ୍ତି।



## ସିଟି ହାଇସ୍କୁଲରେ ମାତୃଭାଷାର ମହତ୍ତ୍ୱ ବୁଝିଲେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର, ୨୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ପିଏମ ଶ୍ରୀ ସିଟି ହାଇସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାତୃଭାଷା ଦିବସ ପାଳନର ଇତିହାସ, ମହତ୍ତ୍ୱ ଓ ଲକ୍ଷ୍ୟ ସଂପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଛନ୍ତି। ମାତୃଭାଷାକୁ ଭଲ ପାଇଲେ ତାହାର ସୁଫଳ କିଭଳି ମିଳେ ତାହା ପ୍ରଧାନଶିକ୍ଷକ ବୁଝାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସ୍କୁଲର କର୍ମଚାରୀ ଉପସ୍ଥିତ ଥିଲେ।

## ସିଟି କଲେଜ ଏନସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା




ଜଣେ ଏନସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର, ୨୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ସିଟି କଲେଜ ଅଧକ୍ଷା ଡ.ଅଞ୍ଜଳି ପାତ୍ରଙ୍କ ଅଧକ୍ଷତାରେ ଏନ.ସି.ସି. ଅଫିସର ମେଘନାଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏନସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉଲ୍ଲେଖନୀୟ ଅବଦାନ ପାଇଁ ୪ କ୍ୟାଡେଟଙ୍କ ମଧ୍ୟରୁ ବାଣିଜ୍ୟ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭଶ୍ରୀ ଦାସ ଚଳିତ ବର୍ଷ ଦିଲ୍ଲୀ ପରେଡରେ ଯୋଗଦେଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀ ଲୁଲିକା ପ୍ରିୟଦର୍ଶନୀ ସେଠୀ ସର୍ବଭାରତୀୟ ସ୍ଥଳ ସୈନିକ ଶିବିରରେ ଅଂଶ ଗ୍ରହଣ କରି ବନ୍ଧୁକ ଚାଳନାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। କଳା ବିଭାଗର ତୃତୀୟ ବର୍ଷର ଛାତ୍ର ଶ୍ରୀମାନ ଶୁଭମ ପଣ୍ଡା ଏନସିସି କ୍ୟାଡେଟ ହିସାବରେ ଭୁଟାନ ଗଣରାଜ୍ୟ ପରିଦର୍ଶନ କରିଛନ୍ତି। ପ୍ରଥମ ବର୍ଷ କଳା ବିଭାଗର ଛାତ୍ର ଆର.ସୁବ୍ରତ ସେକ୍ସୋଫୋନ ବାଦନ କରି ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। ତେଣୁ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଶାସନିକ ଅଧିକାରୀ ଡ.ଅଜୟ କୁମାର ପେଣ୍ଠୋଇ, ଆକାଉଣ୍ଟ ଅଫିସର ଡ.ମାଧୁରୀ ପାଢୀ, ନାରୀ ସଶକ୍ତିକରଣ ଶାଖାର ଅଫିସର ଡ, ମିନତୀ ସାହୁ ଓ ସର୍ମିଷ୍ଠା ସାହୁ ଉପସ୍ଥିତ ଥିଲେ।

## ରୋକେରୀକୁ ଜୈବ ବିବିଧତା ଐତହ୍ୟ ସ୍ଥଳ ଘୋଷଣା ପାଇଁ ପ୍ରସ୍ତାବ

ବ୍ରହ୍ମପୁର, ୨୨।୨ (ଅଶୋକ କୁମାର ସାହୁ)

ପରିବେଶ ସୁରକ୍ଷା ପାଇଁ ଜୈବ ବିବିଧତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ତେବେ ଋଷିକୁଲ୍ୟା ନିକଟ ରୋକେରୀକୁ ଜୈବ ବିବିଧତା ଐହତ୍ୟସ୍ଥଳ ଘୋଷଣା କରିବାକୁ ଅନୁଷ୍ଠିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅବସରରେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ଜୈବ ବିବିଧତା ବୋର୍ଡ ଦ୍ୱାରା ଗଞ୍ଜାମ ଜିଲାର ୮ ଜୈବ ବିବିଧତା ପରିଚାଳନା ସମିତି ସଦସ୍ୟମାନଙ୍କୁ ନେଇ ଗଞ୍ଜାମ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଭା ହୋଇଥିଲା। ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନୀ ଏଥିରେ ମୁଖ୍ୟ ଅତିଥି ଥିଲେ। ଜୈବ ବିବିଧତା ବୋର୍ଡ ପକ୍ଷରୁ ବନଖଣ୍ଡ ଅଧିକାରୀ ଶିଶିର କୁମାର ମିଶ୍ର, ଡ. ସତ୍ୟରଂଜନ ବେହେରା, ପ୍ରାଣୀ ବିଜ୍ଞାନୀ, ମୁଖ୍ୟବକ୍ତା ଭାବେ ଡ. ଶିବ ପ୍ରସାଦ ପରିଡା, ଡ. ପ୍ରସନ୍ନ ନାୟକ, ଏସିଏଫ ସସ୍ମିତା ବିଶ୍ୱାଳ ଉପସ୍ଥିତ ଥିଲେ। ଜୈବ ବିବିଧତା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଜିଲାର ଋଷିକୁଲ୍ୟା ସ୍ଥାନକୁ ଜୈବ ବିବିଧତା ଐତ୍ୟହ ସ୍ଥଳ ଘୋଷଣା କରିବାକୁ ଡିଏଫଓଙ୍କୁ ପ୍ରସ୍ତାବ ଦେବା ପାଇଁ ପାଳିବନ୍ଧ, ରାମଗଡ ଜୈବ ବିବିଧତା ପରିଚାଳନା ସମିତି ଆବେଦନ କରିଥିବା ଗୌରବର ବିଷୟ ବୋଲି କୁହାଯାଇଥିଲା। ଜୈବ ବିବିଧତା କ’ଣ ଏହା ଉପରେ ଆଲୋଚନା କରାଯାଇ ଋଷିକୁଲ୍ୟା ରୋକେରୀକୁ ଅଲିଭ ରିଡ୍‌ଲେମାନେ ଗଣ ଅଣ୍ଡାଦାନ କରିବାକୁ ଆସୁଛନ୍ତି। ତେଣୁ ଏହାର ସଂରକ୍ଷଣ ଦରକାର ବୋଲି କୁହାଯାଇଥିଲା। ଏଥି ସହିତ ଏହି ବିସ୍ତୀର୍ଣ୍ଣ ଅଞ୍ଚଳରେ ଝାଉଁ ଓ ପ୍ରୟାଗୀ ଜଙ୍ଗଲ ରହିଛି। ତେଣୁ ଏହି ସ୍ଥାନଟି ଜୈବ ବିବିଧତା ଐତିହ୍ୟ ସ୍ଥଳ ଘୋଷଣା ହେବା ଉଚିତ ବୋଲି କୁହାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀ।



**ସହି ହେଉନି ତୃଷ୍ଣା:** ତାରାତାରିଣୀ ମନ୍ଦିରରେ ସୋମବାର ଏକ ମାଙ୍କଡ ତୃଷା ସହି ନପାରି ପାଇପ୍‌ରୁ ଆସୁଥିବା ଜଳକୁ ପିଉଛି। ନିକଟରେ ଆଉ ଏକ ମାଙ୍କଡ ପାଣି ପିଇବା ପାଇଁ ଅପେକ୍ଷା କରି ରହିଛି। (ଫଟୋ: ସୁବାସ)

## ବିଇଏମ୍‌ସି ପାଠାଗାରକୁ ୫୦ ପୁସ୍ତକ ପ୍ରଦାନ

ବ୍ରହ୍ମପୁର, ୨୨।୨ (ଅଶୋକ କୁମାର ସାହୁ)

ଖଲ୍ଲିକୋଟ କଲେଜ ପଛ ପାଖରେ ଥିବା ବିଇଏମସିର ପାଠାଗାରକୁ ରବିବାର ୫୦ ପୁସ୍ତକ ଦାନ କରାଯାଇଛି। ୱାଟକୋ ଜେନେରାଲ ମ୍ୟାନେଜର ବିକାଶ ପାଢ଼ୀ ଏହି ପୁସ୍ତକ ପ୍ରଦାନ କରିଛନ୍ତି। ସେ ପୂର୍ବରୁ ଯେଉଁ ବହି ପଢ଼ି ଆଜି ଉଚ୍ଚପଦରେ ଆସୀନ ହୋଇଛନ୍ତି ତାହାକୁ ସେ ଛାତ୍ରୀଛାତ୍ରଙ୍କୁ ଉତ୍ସର୍ଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଏମ ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ ପଚାରିଥିଲି। ସେ ଅନୁମତି ଦେବା ପରେ ତାଙ୍କର ବିହନ ପ୍ରଦାନ ପାଇଁ ଆଗ୍ରହ ହୋଥିଲା। ଛାତ୍ରୀଛାତ୍ରମାନଙ୍କୁ ସେ ନିଜେ ପଢ଼ିଥିବା ଇଂଜିନିୟରିଂ, କମ୍ପ୍ୟୁଟର କୋର୍ସ ଓ ଜେନେରାଲ ନଲେଜ ବହିଗୁଡିକ ପ୍ରଦାନ କରିଥିଲେ। ଅନ୍ୟମାନେ ବି ଏହି ବହି ପଢ଼ି ଉପକୃତ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଲାଇବ୍ରେରିଆନ ମନୋଜ ପାଣିଗ୍ରାହୀ ଏହି ବହି ଗ୍ରହଣ ବେଳେ ବିଇଏମସିର କର୍ମଚାରୀ ବାସୁଦେବ ପାଣିଗ୍ରାହୀ ସହଯୋଗ କରିଥିଲେ।



ଲାଇବ୍ରେରିଆନଙ୍କୁ ବିକାଶ ପାଢ଼ୀ ପୁସ୍ତକ ପ୍ରଦାନ କରୁଛନ୍ତି।

## ବାରମ୍ବାର ପ୍ଲାନ ପରିବର୍ତ୍ତନରୁ କର୍କଟ ସେବା କେନ୍ଦ୍ର କାର୍ଯ୍ୟକ୍ଷମରେ ବିଳମ୍ବ

■ ଅବଧି ସରି ୫ ମାସ ବିତିଲା
■ ବାହାରକୁ ଯାଇ ରୋଗୀ ହନ୍ତସନ୍ତ

ବ୍ରହ୍ମପୁର, ୨୨।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣ ଓଡ଼ିଶାର ପ୍ରମୁଖ ହସପିଟାଲ ହିସାବରେ ଏମକେସିଜି ମେଡିକାଲର ନାଁ ରହିଛି। କିନ୍ତୁ ମେଡିକାଲ ପରିସରରେ ନିର୍ମାଣାଧୀନ ଗୁରୁତ୍ୱପୂର୍ଣ୍ଣ କର୍କଟ ସେବା କେନ୍ଦ୍ର କାର୍ଯ୍ୟକ୍ଷମରେ ବିଳମ୍ବ ଦେଖାଦେଇଛି। ବାରମ୍ବାର ପ୍ଲାନ ପରିବର୍ତ୍ତନ ହିଁ ଏହାର କାରଣ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ଅତ୍ୟାଧୁନିକ ଉପକରଣ ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରର ନିର୍ମାଣ ଅବଧି ଶେଷ ହୋଇ ୫ ମାସ ବିତିବା ପରେ ବି କାହାର ଏଥିପ୍ରତି ଦୃଷ୍ଟି ନାହିଁ। ମେଡିକାଲ ଖେଳପଡିଆ ନିକଟରେ ୨୦୨୨ରେ ୭୬କୋଟି ୧୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। ୧୪ ହଜାର ବର୍ଗଫୁଟ ଜମିରେ ଏହି କେନ୍ଦ୍ର ଥିବାବେଳେ କୋଲକାତାର ଏକ ସଂସ୍ଥା ଟେଣ୍ଡର ଜରିଆରେ ନିର୍ମାଣ ଦାୟିତ୍ୱ ନେଇଛି। ୪ ମହଲା ବିଶିଷ୍ଟ ଏହି କେନ୍ଦ୍ରର ଇନ୍‌ଡୋରରେ ୧୦୦ ଶଯ୍ୟା, ଆଉଟ୍‌ଡୋର, ସମ୍ମିଳନୀ କକ୍ଷ, ଖୋଲା ସ୍ଥାନ ସହ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ପ୍ରତିକ୍ଷାଳୟ ନିର୍ମାଣ ଯୋଜନା ରହିଛି। ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୩ ସେପ୍ଟେମ୍ବର ୨୦୨୪ ସୁଦ୍ଧା ନିର୍ମାଣ ସାରିବାକୁ ସରକାରୀ ନିର୍ଦ୍ଦେଶ ଥିଲା। ବାରମ୍ବାର ପ୍ଲାନ ପରିବର୍ତ୍ତନରୁ ଏହି କେନ୍ଦ୍ର ନିର୍ମାଣ ଧିମେଇ ଯାଇଛି। କିଛିମାସ ପୂର୍ବେ କର୍କଟ ସେବାକେନ୍ଦ୍ର ପାର୍କିଂ ସ୍ଥଳର ଆକାର ବୃଦ୍ଧି ସାଙ୍ଗକୁ ପ୍ରଶସ୍ତ ରାସ୍ତା, ଏକାଧିକ ସ୍ଥାନରେ ଗ୍ରିଲ ସ୍ଥାପନ, ପାଚେରି ନିର୍ମାଣ ସହିତ ଲିଫ୍ଟ ସଂଖ୍ୟା ବୃଦ୍ଧି କରାଯାଇଛି। ଏଥିପାଇଁ ପୁଣି ଏକ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ସେବାକେନ୍ଦ୍ରର କୋଠା ନିର୍ମାଣ ଶେଷ ହୋଇଥିବା ବେଳେ ଜଳଯୋଗାଣ ଓ ବିଦ୍ୟୁତୀକରଣ ସମେତ ଚାରିପଟ ରାସ୍ତା ନିର୍ମାଣ କାର୍ଯ୍ୟ ବାକି ରହିଛି। ବର୍ତ୍ତମାନ ମେଡିକାଲର କ୍ୟାନସର୍ ବିଭାଗକୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ କର୍କଟ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ବିଶେଷ ସୁବିଧା ନଥିବାରୁ ଅଧିକାଂଶ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଉକ୍ତ ସେବା କେନ୍ଦ୍ର କାର୍ଯ୍ୟକ୍ଷମରେ ବିଳମ୍ବ ଯୋଗୁ ରୋଗୀ ହନ୍ତସନ୍ତ ହେଉଥିବା ଅନେକ ସଂଗଠନ ଅଭିଯୋଗ କରିଛନ୍ତି। ନିର୍ମାଣ ଶେଷ କରି ତୁରନ୍ତ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ପାଇଁ ଦାବି ହୋଇଛି।




ମେଡିକାଲ ପରିସରରେ ନିର୍ମାଣାଧୀନ କର୍କଟ ସେବା କେନ୍ଦ୍ର।

